# ପିଲାଙ୍କ ଧରିତ୍ରୀ


ଶନିବାର, ୨୯ ସେପ୍ଟେମ୍ବର, ୨୦୧୮





ଅଲଣାହାଟ ହାଇସ୍କୁଲ, ଅଲଣାହାଟ, ଜଗତସିଂହପୁର


୩


୪ ତୁମ ତୂଳୀରୁ





୬ କବିତା






୮ ଆଇନା





୭ ଜଣା ଅଜଣା


୨ ଗପ

## ଖିଲିଖିଲି ହସ


✲ ଜଜ୍: ଘରେ ମାଲିକ ଥାଇ କେମିତି ଚୋରି କଲ ?
ଚୋର: ସାର୍, ଆପଣଙ୍କର ଅଭାବ କ'ଣ କହିଲେ ? ମୋ ବିଦ୍ୟାକୁ ଶିଖି ଆପଣ କ'ଣ କରିବେ ?

✲ ଚନ୍ଦନ ତୃତୀୟ ଥର ପାଇଁ ଡ୍ରାଇଭିଂ ଟ୍ରେନିଂ ନେଉଥାଏ । ଏହାଦେଖି ସେଠାରେ ଥିବା ଅଫିସର ଜଣକ ପଚାରିଲେ, ଆଗରେ ଯଦି ତୁମ ବାପା ଅଛନ୍ତି ଆଉ ଡାହାଣ ପଟେ ତୁମ ଭାଇ ତେବେ ତୁମେ କାହାକୁ ମାରିବ ?
ଚନ୍ଦନ: ଭାଇକୁ ।
ଅଫିସର: ଆରେ ଚନ୍ଦନ, ତୁମକୁ ବ୍ରେକ୍ ମାରିବାକୁ ପଡିବ ବୋଲି ତିନିଥର କହି ସାରିଲିଣି, ହେଲେ ତୁମ ମୁଣ୍ଡରେ ଭାଇକୁ ମାରିବା କଥା ସବାର ହୋଇଛି ।

(ଦୁଇସାଙ୍ଗ ମଧ୍ୟରେ କଥାବାର୍ତ୍ତା)
✲ ପ୍ରଥମ ସାଙ୍ଗ : ବୁଝିଲୁ, ମୁଁ ଆମ ଇଂଲିଶ ଟିଚରଙ୍କୁ ମ୍ୟାଥ୍‌ର ଗୋଟିଏ ପଶ୍ନ ପଚାରିଲି ହେଲେ ସେ କହିଲେ ମ୍ୟାଥ୍ ଟିଚରଙ୍କୁ ପଚାର ।
ଦ୍ୱିତୀୟସାଙ୍ଗ: ଆରେ, ଆମେ ତ ପୁଣି ସବୁ ବିଷୟ ପଢୁଛେ, ସେମାନେ କାହିଁକି ସବୁ ବିଷୟ ସମ୍ପର୍କରେ କହିପାରିବେ ନାହିଁ ?


ଗପ

# କିଏ ବଡ଼




ଜଙ୍ଗଲ ଭିତରେ ଗୋଟିଏ ଛୋଟ ଆମ୍ବ ଗଛଟିଏ ଥିଲା । ତା' ପାଖରେ ଗୋଟିଏ ବଡ଼ ନିମ ଗଛଟିଏ ଥିଲା । ଆମ୍ବ ଗଛଠାରୁ ନିମ ଗଛ ଉଚ୍ଚତାରେ ବଡ଼ ହୋଇଥିବାରୁ ସେ ଆମ୍ବ ଗଛକୁ ଘୃଣା ଚକ୍ଷୁରେ ଦେଖୁଥିଲା । ଅନେକ ସମୟରେ ଦେଖ ମୁଁ ତୋଠାରୁ କେତେ ବଡ଼ ବୋଲି କହି ନିଜର ଅହଂକାରକୁ ବଢେଇ ଚାଲିଥିଲା । ଦିନେ ଗୋଟିଏ ମହୁମାଛି ଆସି ନିମ ଗଛକୁ କହିଲା– ନିମ ଭାଇ ! ମୋତେ ଟିକେ ତୁମ ଡାଳରେ ଜାଗା ଦିଅ ମୁଁ ଫେଣା ବାନ୍ଧି ରହିବି । ଏହା ଶୁଣି ଅହଂକାରୀ ନିମ ଗଛ ରୋକ୍‌ଠୋକ୍ ଶୁଣାଇ ଦେଲା ଯା ଯା ମୋ ପାଖରେ ଜାଗା ନାହିଁ । ମୁଁ ତୋତେ ମୋ ଡାଳରେ ଫେଣା ବାନ୍ଧିବାକୁ ଦେବି ନାହିଁ । ଏହା ଶୁଣି ମହୁମାଛି ପାଖରେ ଥିବା ଆମ୍ବ ଗଛକୁ କହିଲା, ଆମ୍ବ ଭାଇ ! ମୋତେ ଟିକେ ତୁମ ଡାଳରେ ଫେଣା ବାନ୍ଧିବାକୁ ଜାଗା ଦେବ ? ଆମ୍ବ ଗଛ ହଁ ମାରିଲା । ମହୁମାଛିର ଖୁସି କହିଲେ ନ ସରେ । ସେ ଆମ୍ବ ଡାଳରେ ଖୁସି ମନରେ ଫେଣା ବାନ୍ଧି ନିଜ ପରିବାର ସହିତ ରହିଲା । ଦିନକର କଥା । ଦଳେ କାଠ ଚୋର ସେହି ଜଙ୍ଗଲକୁ କାଠ ଚୋରି କରିବାକୁ ଯାଇ ସେଇ ଆମ୍ବ ଗଛ ମୂଳରେ ପହଞ୍ଚିଲେ । ସେହି ଆମ୍ବ ଗଛକୁ କାଟିବା ପାଇଁ ମନସ୍ଥ କଲେ । ହଠାତ୍ ଜଣେ କାଠ ଚୋର କହିଲା ଭାଇମାନେ ଏ ଆମ୍ବ ଗଛ କାଟିବା ନାହିଁ । ଏହି ଗଛକୁ କାଟିଲେ ମହୁମାଛିମାନେ ମାରି ଗୋଡାଇବେ । ତେଣୁ ଚାଲ ନିମ ଗଛକୁ କାଟିବା । ସମସ୍ତେ ତା' କଥାରେ ରାଜି ହେଲେ । ଆଉ ନିମ ଗଛକୁ ହାଣିବା ଆରମ୍ଭ କଲେ । ଏହା ଦେଖି ନିମ ଗଛ ବିକଳରେ ରଡ଼ି ଛାଡିଲା । ବଞ୍ଚାଅ, ବଞ୍ଚାଅ ମୋତେ ହାଣି ଦେଉଛନ୍ତି । କିଏ କୋଉଠି ଅଛ ବଞ୍ଚାଅ । ଏହାଶୁଣି ମହୁମାଛିମାନେ କାଠଚୋରମାନଙ୍କୁ ମାରି ଗୋଡ଼ାଇଲେ । କାଠଚୋରମାନେ ଆଉ ଗଛ ନ ହାଣି ନିଜ ନିଜ ଜୀବନ ନେଇ ଫେରି ପଳାଇଲେ । କାଠଚୋରମାନେ ଚାଲିଯିବା ପରେ ନିମ ଗଛ କହିଲା– ମହୁମାଛି ଭାଇମାନେ ତୁମେ ଆଜି ମୋର ଜୀବନ ବଞ୍ଚାଇ ଦେଲ । ତୁମର ଏପରି ଉପକାର ମୁଁ ଜୀବନରେ କେବେ ଭୁଲିପାରିବି ନାହିଁ । ତେଣୁ ତୁମମାନଙ୍କୁ ବହୁତ ବହୁତ ଧନ୍ୟବାଦ । ନିମ ଗଛ କଥା ଶୁଣି ରାଣୀ ମହୁମାଛି କହିଲା– ନାଇଁ ନିମଭାଇ ଧନ୍ୟବାଦ ଆମକୁ ନୁହେଁ ବରଂ ଧନ୍ୟବାଦ ଆମ୍ବ ଭାଇଙ୍କୁ ଦିଅ । କାରଣ ସେ ତୁମକୁ ବଞ୍ଚାଇବା ପାଇଁ ଆମକୁ ବହୁତ ଅନୁରୋଧ କଲେ । ତେଣୁ ଧନ୍ୟବାଦ ସେ ପାଇବାର ଯୋଗ୍ୟ । ତୁମେ ସିନା ଆମ୍ବ ଗଛ ଠାରୁ ଉଚ୍ଚତାରେ ବଡ଼, ହେଲେ ଉଚ୍ଚତାରେ ବଡ଼ ହୋଇଗଲେ କେହି କେବେ ବଡ଼ ହୋଇଯାଏ ନାହିଁ । ବଡ଼ ହେବା ପାଇଁ ମନ ଦରକାର । ଯାହାର ମନ ବଡ଼ ସେ ପ୍ରକୃତରେ ବଡ଼ । ତୁମେ ବଡ଼ ବୋଲି ତାଙ୍କୁ ଘୃଣା ଚକ୍ଷୁରେ ଦେଖୁଥିଲ । ତୁମର ଅହଂକାର ତୁମକୁ କ'ଣ ବଞ୍ଚାଇ ପାରିଥାଆନ୍ତା ? ତୁମେ ତାଙ୍କୁ ଛୋଟ ନଜରରେ ଦେଖୁଥିଲ । ହେଲେ ବିପଦ ସମୟରେ ସେ ତୁମକୁ ସାହାଯ୍ୟ କଲେ । ସମାଜରେ ମିଳିମିଶି ଚଳିଲେ ସମସ୍ତଙ୍କର ମଙ୍ଗଳ ହୁଏ । ନିମ ଗଛ ମହୁମାଛିର କଥା ଶୁଣି ନିଜର ଅହଂକାର ପାଇଁ କ୍ଷମା ପ୍ରାର୍ଥନା କଲା । ଆଉ ସେ ଅନୁଭବ କଲା ପ୍ରକୃତରେ କିଏ ବଡ଼ ।

**– ଅଶୋକ ରାଉଳ**
ଅଢ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର



## ବିନ୍ଦୁ ଯୋଡ଼



## ମତାମତ

➲ ଜାପାନରେ ଥିବା ବିରାଡି ଦ୍ୱୀପ ବିଷୟରେ ପଢି ଆଶ୍ଚର୍ଯ୍ୟ ଲାଗିଲା । ଜନସଂଖ୍ୟା ତୁଳନାରେ ବିରାଡିଙ୍କ ସଂଖ୍ୟା ଅଧିକ ଥିବା ଏହି ଦ୍ୱୀପ ବାସ୍ତବିକ୍ କୌତୂହଳପ୍ରଦ ସ୍ଥାନ ।
– **ସୁହାସିନୀ ସାମନ୍ତରାୟ,** କୋଲନରା, ରାୟଗଡା

➲ ଦୂରାନ୍ତ ଅଞ୍ଚଳ କଳାହାଣ୍ଡିସ୍ଥିତ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ସମ୍ପର୍କରେ ଜାଣି ଖୁସି ଲାଗିଲା ।
– **ପ୍ରଭାତ ମହାନ୍ତି,** ଶୈଳଶ୍ରୀ ବିହାର, ଭୁବନେଶ୍ୱର

➲ କବିତା ସ୍ତମ୍ଭଟି ପାଠ କରିବାକୁ ଭଲ ଲାଗୁଛି । କବିତା ପାଇଁ ସମ୍ପୂର୍ଣ୍ଣ ଗୋଟିଏ ପୃଷ୍ଠା ସ୍ଥାନ ଦେଲେ ଭଲ ହୁଅନ୍ତା ।
– **ଲେଲିନ୍ ସ୍ୱାଇଁ,** ଲୋଚାପଡା, ବ୍ରହ୍ମପୁର

➲ ପଥର ଓ ଦେବତା ଗପଟି ବେଶ୍ ଶିକ୍ଷଣୀୟ ଥିଲା । ଏମିତି କୁନି କୁନି ପିଲାଙ୍କ ଲେଖାକୁ ସ୍ଥାନିତ କରିବାକୁ ଅନୁରୋଧ ।
– **ରିଟା, ପିହୁ,** ବୁର୍ଲା, ସମ୍ବଲପୁର

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ । ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ । ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



**ସାରଦାପ୍ରସାଦ ମିଶ୍ର**
ପ୍ରଧାନ ଶିକ୍ଷକ

**ସଂକ୍ଷେପରେ**

ପ୍ରତିଷ୍ଠା – ୧୯୪୪
ବିଦ୍ୟାର୍ଥୀ ସଂଖ୍ୟା – ୪୬୩
ଶ୍ରେଣୀ– ଷଷ୍ଠରୁ ଦଶମ
ଶିକ୍ଷୟିତ୍ରୀ–ଶିକ୍ଷକଙ୍କ ସଂଖ୍ୟା– ୨୮
ମୁଖପତ୍ର– ପାରିଜାତ
ପ୍ରମୁଖ ଭାଷା– ଓଡ଼ିଆ, ହିନ୍ଦୀ, ସଂସ୍କୃତ, ଇଂଲିଶ

# ଅଲଣାହାଟ ହାଇସ୍କୁଲ

## ଅଲଣାହାଟ, ଜଗତ୍‌ସିଂହପୁର



ଓଡ଼ିଶାର ଗର୍ବ ଓ ଗୌରବର ଐତିହ୍ୟ ବହନ କରେ ଏହି ବିଦ୍ୟାଳୟ। ଏହା ଜଗତ୍‌ସିଂହପୁର ଜିଲାର ନାଉଗାଁ ବ୍ଲକସ୍ଥିତ ଦେବୀନଦୀର ଅନତି ଦୂରରେ ନହଡିପଡା ଗ୍ରାମରେ ଅବସ୍ଥିତ। ଏହି ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ବୈକୁଣ୍ଠନାଥ ଆଚାର୍ଯ୍ୟ। ତାଙ୍କ ସମୟରେ କେହି କେହି ଏହି ବିଦ୍ୟାଳୟକୁ ଦ୍ୱିତୀୟ ନାଳନ୍ଦା ବୋଲି କହୁଥିଲେ। ବିଶେଷକରି ୫୦ଦଶକରୁ ନବେ ଦଶକ ମଧ୍ୟରେ ଏହି ବିଦ୍ୟାଳୟର ଅଧିକାଂଶ ଛାତ୍ରୀଛାତ୍ର ହାଇସ୍କୁଲ୍ ବୋର୍ଡ ପରୀକ୍ଷାରେ ପ୍ରଥମ ଦଶଜଣଙ୍କ ମଧ୍ୟରେ ସ୍ଥାନ ପାଇ ଏହି ବିଦ୍ୟାଳୟର ଗୌରବକୁ ବୃଦ୍ଧି କରିଛନ୍ତି। ଏହି ବିଦ୍ୟାଳୟରେ ପାଠ ପଢ଼ି ସହସ୍ରାଧିକ ପୁରାତନ ଛାତ୍ର ବିଭିନ୍ନ ଉଚ୍ଚ ପଦପଦବୀରେ ଅବସ୍ଥାପିତ ହୋଇଛନ୍ତି। ତନ୍ମଧ୍ୟରୁ ଡ. ପ୍ରଫେସର ମୁକୁନ୍ଦ ପ୍ରସାଦ ଦାସ, ପ୍ରଫେସର ଅମିତାଭ ଆଚାର୍ଯ୍ୟ, ସ୍ୱର୍ଗତ ଡା.ବ୍ରହ୍ମାନନ୍ଦ ଆଚାର୍ଯ୍ୟ, ପ୍ରଫେସର ଚନ୍ଦ୍ର ଶେଖର ସାହୁ, ଆନ୍ତର୍ଜାତିକ ବୈଜ୍ଞାନିକ ଉମାଚରଣ ମହାନ୍ତି, ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ଦାସ, ଇଂ ଅକ୍ଷୟ କୁମାର ସାହାଣୀ, ବରିଷ୍ଠ ଆଇନଜ୍ଞ ପିତାମ୍ବର ଆଚାର୍ଯ୍ୟ ଅନ୍ୟତମ ।

ସ୍କୁଲ୍‌ରେ ଶିକ୍ଷାଦାନ ସହିତ ଛାତ୍ରୀଛାତ୍ରମାନଙ୍କର ବୌଦ୍ଧିକ ବିକାଶ, କ୍ରୀଡ଼ା, ନୃତ୍ୟ, ସଙ୍ଗୀତ, ବୃକ୍ଷରୋପଣ ଏବଂ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ସହ ସାମାଜିକ କର୍ତ୍ତବ୍ୟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ପିଲାମାନଙ୍କର ନୈତିକ ଜ୍ଞାନକୁ ବଳିଷ୍ଠ କରିବା ପାଇଁ ଏହି ବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ସ୍କାଉଟ୍, ଜୁନିୟର ରେଡକ୍ରସ, ଇକୋ କ୍ଲବ୍, ଲିଗାଲ ଲିଟେରାସି କ୍ଲବ୍, ସିସିଆଇଟି କଲଚ୍‌ରାଲ କ୍ଲବ୍, ରେଡ୍ ରିବନ୍ କ୍ଲବ୍, ବିଜ୍ଞାନ କ୍ଲବ, ଆଥ୍‌ଲେଟିକ୍ କ୍ଲବ ଆଦିର ବ୍ୟବସ୍ଥା ଅଛି। ପ୍ରତିବର୍ଷ ମାଟ୍ରିକ୍ ପରୀକ୍ଷା, ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା, ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷା, ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା, ବିଜ୍ଞାନ ପ୍ରଦର୍ଶନୀ, ସେମିନାର, ନାଟକ, କୁଇଜ୍‌ରେ ଏହି ବିଦ୍ୟାଳୟର ଫଳାଫଳ ଉଲ୍ଲେଖନୀୟ। ଆସନ୍ତା ଜାନୁୟାରୀ ପ୍ରଥମ ସପ୍ତାହରେ ଏହି ବିଦ୍ୟାଳୟ ତା'ର ୭୫ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯୋଜନା ପ୍ରସ୍ତୁତ କରୁଛି।

ରିପୋର୍ଟ: ସୁଧା ବେଉରା


ଅଭିଲିପ୍ସା


ଦେବପ୍ରିୟ


ଅଗ୍ନିଦୀପ୍ତା


ଆଦ୍ୟାଶା ପ୍ରିୟଦର୍ଶିନୀ


ସ୍ୱରସୌମ୍ୟା


ମହାବୀର ପ୍ରସାଦ


ସ୍ୱପ୍ନା ଦାସ


ଅତିଥି ଏବଂ ଶିକ୍ଷକଙ୍କ ଗହଣରେ ସ୍କୁଲର ଛାତ୍ରୀଛାତ୍ରମାନେ।


ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।


ରେଡକ୍ରସ୍ ଶିବିରରେ ସ୍କୁଲର ଛାତ୍ରୀଛାତ୍ର।


ଯୋଗ ଶିବିରରେ ଛାତ୍ରୀଛାତ୍ରମାନେ ଯୋଗଶିକ୍ଷା କରୁଛନ୍ତି।

## ସ୍କୁଲର ପ୍ରତିଭା

**ସ୍ୱପ୍ନା ଦାସ (୭ମ)**
ସ୍କୁଲ୍‌ର ଜଣେ ମେଧାବୀ ଛାତ୍ରୀ। ପାଠ ସାଙ୍ଗକୁ ତର୍କ, ଚିତ୍ରାଙ୍କନ, ନୃତ୍ୟ ଆଦିରେ ଭାଗନେଇ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛନ୍ତି।

**ସ୍ୱରସୌମ୍ୟା ଦାସ (୭ମ)**
ଜଣେ ମେଧାବୀ ଛାତ୍ରୀ ଭାବେ ବିଦ୍ୟାଳୟରେ କୃତିତ୍ୱ ଅର୍ଜନ କରିବା ସହ ଇଂଲିଶ ଡିବେଟ୍, ନୃତ୍ୟ ଆଦିରେ ଭାଗନେଇ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛନ୍ତି।

**ଦେବପ୍ରିୟ ରାୟ (୧୦ମ)**
ଜଣେ ଶୃଙ୍ଖଳିତ ଛାତ୍ର। ଜିଲା ଏବଂ ରାଜ୍ୟସ୍ତରୀୟ ସ୍କାଉଟ୍‌ରେ ଯୋଗଦେଇ ବିଦ୍ୟାଳୟ ପାଇଁ ଗର୍ବ ଆଣିଛନ୍ତି।

**ମହାବୀର ପ୍ରସାଦ ଦାସ (୧୦ମ)**
ଜଣେ ଆଦର୍ଶ ଛାତ୍ର। ଏନ୍‌ସିସିର ବିଭିନ୍ନ କ୍ୟାମ୍ପ ଏବଂ ସମାଜସେବା କାର୍ଯ୍ୟରେ ଯୋଗଦେଇ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି।

**ଅଭିଲିପ୍ସା ମିଶ୍ର (୧୦ମ)**
ବିଜ୍ଞାନ ପ୍ରଦର୍ଶନୀ, ଡ୍ରାମା ଏବଂ କୁଇଜ୍‌ରେ ଅନେକଥର ତାଙ୍କର ସଫଳତା ବିଦ୍ୟାଳୟ ପାଇଁ ଶ୍ରେୟ ଆଣି ଦେଇଛି।

**ଅଗ୍ନିଦୀପ୍ତା ଚାନ୍ଦ (୮ମ)**
ଜୁନିୟର ରେଡ୍‌କ୍ରସ୍‌ର ଜିଲା ଏବଂ ରାଜ୍ୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇ ଜଣେ ଶ୍ରେଷ୍ଠ ଜୁନିୟର ଭାବେ ବହୁବାର ପୁରସ୍କୃତ ହୋଇଛନ୍ତି।

**ଆଦ୍ୟାଶା ପ୍ରିୟଦର୍ଶିନୀ ମହାପାତ୍ର (୧୦ମ)**
ବିଜ୍ଞାନ ସେମିନାର, ପ୍ରବନ୍ଧ, କୁଇଜ୍‌ରେ ଜିଲା ଏବଂ ରାଜ୍ୟସ୍ତରରେ ଅନେକଥର ଅଂଶଗ୍ରହଣ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି।

# ତୁ ମ ତୁ ଳୀ ରୁ




୧



୨



୩



୪



୫



୬



୭



୮



୯



୧

ଅନ୍‌ମୋଲ ମହାପାତ୍ର
କ୍ଲାସ -୧, ଆଟମିକ୍ ଏନର୍ଜି ସେଣ୍ଟ୍ରାଲ ସ୍କୁଲ, ଅଶ୍ୱପୁରମ୍, ତେଲେଙ୍ଗାନା



୨

ସୁପ୍ରିୟା ସେନାପତି
କ୍ଲାସ୍ -୮, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶବରସାହି, ରସୁଲଗଡ, ଭୁବନେଶ୍ୱର



୩

ଜଗମୋହନ ମହାପାତ୍ର
କ୍ଲାସ -୭, ଗୋପବନ୍ଧୁ ହାଇସ୍କୁଲ୍, ବେଗୁନିଆ, ଖୋର୍ଦ୍ଧା



୪

ଅମ୍ରିତ ଆଶୁତୋଷ
କ୍ଲାସ୍ -୩, ଦୀପ୍ତି କନ୍‌ଭେଣ୍ଟ ସ୍କୁଲ୍, ରାୟଗଡା



୫

ସ୍ମୃତିରେଖା ଦଳେଇ
କ୍ଲାସ-୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୂଆଗଡ, ଜଗତ୍‌ସିଂହପୁର



୬

ଆଦିତ୍ୟରାଜ ପଟ୍ଟନାୟକ
କ୍ଲାସ୍ -୪, ଷ୍ଟୁଆର୍ଟ ସ୍କୁଲ୍, ୟୁନିଟ୍ -୮, ଭୁବନେଶ୍ୱର



୭

ଲିପାଲି ବିଦ୍ୟାବିଭୂଷିତା ବେହେରା, କ୍ଲାସ୍-୫, ସେଣ୍ଟ ଜାଭିୟର୍ସ ସ୍କୁଲ, ପିପିଲି, ପୁରୀ



୮

ଭବାନୀଶଙ୍କର ମହାନ୍ତି
କ୍ଲାସ-୪, ମଡର୍ନ ପବ୍ଲିକ୍ ସ୍କୁଲ୍, ବାଲେଶ୍ୱର



୯

ଅନାହିତା ପାତ୍ର
କ୍ଲାସ୍ -୪, ଡିଏଭି ସ୍କୁଲ୍, ଜୟପୁର, କୋରାପୁଟ

# କ ବି ତା



## ମା'

**କେ**ବେ ଯଦି କିଏ ପ୍ରଶ୍ନଟେ ପଚାରେ
ମିଠା ଶବ୍ଦ କୁହ ଗୋଟେ
ପାଟିରୁ ମୋହର ବିଜୁଳି ବେଗରେ
ମା'ର ନାଁ ଟି ଛୁଟେ ।
ଦୁନିଆରେ ଯେତେ ଶବ୍ଦ ଗୁଚ୍ଛ ଥାଏ
ମିଠା ଶବ୍ଦ ଅଟେ ସେଇ
ଯାହାର କୋଳ ଯେ ଅତି ନିରାପଦ
ବିପଦେ ନିଏ କୋଳେଇ ।
ବାତ୍ସଲ୍ୟମୟୀ ସେ ଅଟେ ଜଗଦ୍ଧାତ୍ରୀ
ପୁଣି ଅଟେ ସର୍ବଂସହା
ସବୁକିଛି ଦୁଃଖ ସହି ପାରେ ବୋଲି
ନାଁ ଟି ତା'ର ମା' ।
ତାହାରି ଦୟାରୁ ତା'ରି ଗର୍ଭରୁ
ହୋଇଛି ମୁହିଁ ଜାତ
ବକ୍ଷରୁ ତାହାର ପିଇ ବଢିଅଛି
ମିଠା ଜୀବନ ଅମୃତ ।
ଯେତେବେଳେ ଆମ ଆଖିରୁ ବୁହଇ
ଝରଣା ପରାଏ ଲୁହ
ହୃଦୟୁ ତାହାରି ଝରି ଆସିଥାଏ
ରକତ ନଦୀର ସୁଅ ।
ପଣତ କାନିଟି ଅଟଇ ତାହାର
ସତେ ନୀଳ ଚକ୍ର ନେତ
ତା' ପାଦ ଯୁଗଳ ପୂଜା କରୁଥିବି
ହୋଇ କୋଟି ଦଣ୍ଡବତ ।

**–ଅର୍ପିତା ପ୍ରିୟଦର୍ଶିନୀ ପରିଡା**
*୭ମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,*
*ୟୁନିଟ୍–୮, ଭୁବନେଶ୍ୱର*


## ବାପୁ

**ବା**ପୁଙ୍କୁ ସ୍ମରଣ କରି
ସତ୍ୟକୁ ଆଶରା କରି
ଆଲୋକିତ କର ଜୀବନ ତୁମର
ମୋ ଦେଶର ନରନାରୀ ।
ସେବାମନ୍ତ୍ରଜପ କରି
ଶ୍ରଦ୍ଧା ଅନ୍ତରରେ ଭରି
ଅନାଥ ପୀଡ଼ିତ ସେବାବ୍ରତୀ ହୁଅ
ମୋ ଦେଶର ନରନାରୀ ।
ଅହିଂସାର ଅସ୍ତ୍ରଧରି
ହିଂସାର ବିନାଶ କରି
ପ୍ରେମପ୍ରୀତି ଫୁଲ ଦିଅ ଉପହାର
ମୋ ଦେଶର ନରନାରୀ ।
କର୍ମକୁ ଧରମ କରି ବୁହହେ ଜୀବନ ତରୀ
ହୁଅ ପରିଶ୍ରମୀ, ହୁଅ ଦେଶପ୍ରେମୀ
ମୋ ଦେଶର ନରନାରୀ ।
ମାଟିକୁ ପ୍ରଣାମ କରି
ଧୂଳି ତା'ର ମୁଣ୍ଡେ ମାରି
ସତ୍ୟ, ଅହିଂସା, କର୍ମ, ଧର୍ମ, ଆଚର
ମୋଦେଶର ନରନାରୀ ।
ବାପୁ ସମ ବ୍ରହ୍ମଚାରୀ
ଜାତିର ପିତା ଆମରି
ଭୁଲି ଯିବା ନାହିଁ ଅଦର୍ଶ ତାଙ୍କର
ମୋ ଦେଶର ନରନାରୀ ।

**– ରବୀନ୍ଦ୍ର କୁମାର କାନୁନ୍‌ଗୋ**
*(ପ୍ରାକ୍ତନ ଅଧକ୍ଷ)*
*ଶ୍ରୀମା ମହିଳା ମହାବିଦ୍ୟାଳୟ*
*ଦଶମାଣକୂଳ, ତିର୍ତ୍ତୋଲ, ଜଗତ୍‌ସିଂହପୁର*

ଗିନିଜ୍ ୱାର୍ଲ୍ଡ ରେକର୍ଡ

# ସବୁଠାରୁ ବଡ ଚକୋଲେଟ ବକ୍ସ



**ର**ଙ୍ଗିନ ଜରିରେ ଗୁଡାହୋଇ ରହିଥିବା ଭଳିକି ଭଳି ସୁସ୍ୱାଦୁ ଚକୋଲେଟ ଦେଖିଲେ କାହାକୁ ବା ଖାଇବାକୁ ଇଚ୍ଛା ନ ହୁଏ । ତେଣୁ କରି ତ ଖାଦ୍ୟ ଉଦ୍ୟୋଗ ସଂସ୍ଥା ବିଭିନ୍ନ ସ୍ୱାଦ ଓ ଆକାରର ଭଳିକି ଭଳି ଚକୋଲେଟକୁ ଏଭଳି ଭାବେ ଡେକୋରେଟ କରି ରଖିଥାନ୍ତି, ଯାହାକୁ ଦେଖି ଗ୍ରାହକମାନେ ବେଶ ଆକୃଷ୍ଟ ହୋଇ ତାକୁ କିଣିଥାନ୍ତି । ତେବେ ଏହି କ୍ଷେତ୍ରରେ ରେକର୍ଡ କରିବା ଉଦ୍ଦେଶ୍ୟ ନେଇ ଲଣ୍ଡନର ଥର୍ନଟନସ୍ ଏବଂ ରସେଲ ବେକ୍ ଷ୍ଟୁଡିଓସ୍ ନାମକ ଏକ ଚକୋଲେଟ ପ୍ରସ୍ତୁତକାରୀ ସଂସ୍ଥା ୧୬୮୯ କିଗ୍ରା ଓଜନ, ୧୬.୬ ଫୁଟ ଲମ୍ବ ଏବଂ ୧୧.୨ ଫୁଟ ପ୍ରସ୍ଥ ବିଶିଷ୍ଟ ଏକ ଚକୋଲେଟପୂର୍ଣ୍ଣ ବିଶାଳ ଚକୋଲେଟ ବକ୍ସ ପ୍ରସ୍ତୁତ କରି ସ୍ଥାନ ପାଇଛନ୍ତି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ।

## କହିଲ ଦେଖି



୧) ଶୁଭ ଅଶୁଭ ସବୁ କାର୍ଯ୍ୟରେ
ଲୋଡ଼ା ପଡୁଥାଏ ସିଏ ଆଗରେ
କଳସ ଉପରେ ହୁଅଇ ଥୁଆ
ବର ଯାଉଥାଏ ଧରି ହୋଇଲେ ବାହା ।
**ଉ–ନଡ଼ିଆ**




୨) କଞ୍ଚା ତରକାରି ପାଚିଲେ ଭୋଗ
ଚୁଡ଼ାରେ ଖାଇଲେ ଲାଗଇ ବାଗ
ସ୍ୱାଦିଷ୍ଟ ସାଙ୍ଗକୁ ଦିଅଇ ଶକ୍ତି
କରାଏ ଆମକୁ ରୋଗରୁ ମୁକ୍ତି ।
**ଉ– କଦଳୀ**

୩) ତିନୋଟି ଅକ୍ଷରେ ନାମ ମୋହର
ମନ୍ଦିର ମୋର ଘର
ପ୍ରଥମ ଦ୍ୱିତୀୟ କରିଲେ ଯୋଗ
ବୁଝାଏ ଏକ ହିରୋ ।
ଦ୍ୱିତୀୟ ତୃତୀୟ କରିଲେ ଯୋଗ
ରାଜ୍ୟ ମୁଖିଆ ସାଜେ
କିଏସେ ପାରିବ ନାମ ମୋ କହି
ଯାଜପୁରରେ ବିଜେ ।
**ଉ–ବିରଜା**

**–ପ୍ରଶାନ୍ତ କୁମାର ନାଥ**
*ସୁନ୍ଦରପୁର, ଉତ୍ତରକୂଳହାଟ, ପ୍ରୀତିପୁର,*
*ଯାଜପୁର ମୋ:୮୮୯୨୩୦୧୧୪୩*

## ଗାନ୍ଧିଜୀଙ୍କ ସମ୍ପର୍କରେ..



- **ବାପାଙ୍କ ନାମ–** କରମଚାନ୍ଦ ଉତ୍ତମଚାନ୍ଦ ଗାନ୍ଧୀ
- **ମାତାଙ୍କ ନାମ–** ପୁତ୍‌ଲିବାଇ ଗାନ୍ଧୀ
- **ପତ୍ନୀଙ୍କ ନାମ–** କସ୍ତୁରବା ଗାନ୍ଧୀ
- **ଜନ୍ମ ସ୍ଥାନ–** ଗୁଜରାଟର ପୋରବନ୍ଦର
- **ଅସହଯୋଗ ଆନ୍ଦୋଳନ–** ୧୯୨୦
- **ଆଇନ ଅମାନ୍ୟ ଆନ୍ଦୋଳନ–**୧୯୩୦
- **ଲବଣ ସତ୍ୟାଗ୍ରହ–** ୧୯୩୦
- **ଭାରତଛାଡ ଆନ୍ଦୋଳନ–** ୧୯୪୨
- **ରାଜନୀତ କ୍ଷେତ୍ରରେ ଗୁରୁ–** ଗୋପାଳ କୃଷ୍ଣ ଗୋଖଲେ
- **ପ୍ରକାଶିତ ଖବରକାଗଜ–** ହରିଜନ, ନବଜୀବନ, ୟଙ୍ଗ ଇଣ୍ଡିଆ, ଇଣ୍ଡିଆନ ଓପିନିଅନ
- **ରଚିତ ପୁସ୍ତକ–** ମାଇଁ ଏକ୍ସପେରିମେଣ୍ଟ ୱିଥ୍ ଟ୍ରୁଥ୍, କି ଟୁ ହେଲ୍‌ଥ୍, ହିନ୍ଦ୍ ସ୍ୱରାଜ, ଦ ହ୍ୱିଲ ଅଫ ଫରଚୁନ, ପିସ୍ ଇତ୍ୟାଦି ।
- **ଶେଷ ଉକ୍ତି–** ହେ ରାମ...'
- **ତିରୋଧାନ–** ୩୦ ଜାନୁୟାରୀ, ୧୯୪୮
- **ସ୍ମୃତି ପୀଠ–** ରାଜଘାଟ, ନୂଆଦିଲ୍ଲୀ

## ଏଥରର ପ୍ରଶ୍ନ ?

- ମହାତ୍ମାଗାନ୍ଧୀଙ୍କ ପୁରା ନାମ କ'ଣ ?
- ମହାତ୍ମାଗାନ୍ଧୀ କେଉଁ ମସିହାରେ ଜନ୍ମଗ୍ରହଣ କରିଥିଲେ ?
- ମହାତ୍ମାଗାନ୍ଧୀଙ୍କୁ 'ଜାତିର ପିତା' ବୋଲି ସର୍ବପ୍ରଥମେ କିଏ କହିଥିଲେ ?
- ଅକ୍ଟୋବର୨ ଗାନ୍ଧୀ ଜୟନ୍ତୀକୁ ଆଉ କେଉଁ ଦିବସ ରୂପେ ପାଳନ କରାଯାଏ ?
- ମହାତ୍ମାଗାନ୍ଧୀଙ୍କ ଆତ୍ମଜୀବନୀର ନା' କଣ ?

## ପାର୍ଥକ୍ୟ ଦର୍ଶାଅ



## ଆର ଥରର ଉ ତ୍ତ ର

- ✻ ଢେଙ୍କାନାଳ
- ✻ କୋରାପୁଟ
- ✻ ବଲାଙ୍ଗୀର ଏବଂ ବରଗଡ
- ✻ ଗଜପତି
- ✻ କଳାହାଣ୍ଡି

# ଆବିଷ୍କାର ପାଇଁ ଭୋଜିଖିଆ ଗଲା



ବିଚିତ୍ର ବୈଜ୍ଞାନିକ



ପ୍ର. ରମେଶ ଚନ୍ଦ୍ର ପରିଡ଼ା



ଆଜିକାଲି ଚିକିତ୍ସାରେ ଅସ୍ତ୍ରୋପଚାର ପୂର୍ବରୁ କେତେକ ଔଷଧ ପ୍ରୟୋଗ ଦ୍ୱାରା ରୋଗୀକୁ ଚେତାଶୂନ୍ୟ କରାଯାଉଛି। ଫଳରେ ତାହା ଯନ୍ତ୍ରଣାଦାୟକ ହେଉନାହିଁ। ଏହି ଔଷଧଗୁଡ଼ିକୁ ସଂଜ୍ଞାଲୋପୀ ବା ନିଶ୍ଚେତକକାରୀ ବୋଲି କୁହାଯାଏ। ତେବେ ଊନବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ଏହାର ପ୍ରୟୋଗ ହେଉ ନ ଥିଲା। ପ୍ରଥମଥର ଏଥିପାଇଁ ବ୍ୟବହାର କରାଗଲା 'ଇଥର' ନାମକ ରସାୟନ। ଏହାକୁ ଶୁଂଘାଇ ଦେଲେ ରୋଗୀ ଅଚେତ ହୋଇଯାଉଥିଲା। ତେବେ, ଏହାର ପ୍ରଭାବ ସେତେଟା ଦୀର୍ଘସ୍ଥାୟୀ ହେଉ ନ ଥିଲା। ବେଳେବେଳେ ଅସ୍ତ୍ରଚିକିତ୍ସା ଶେଷ ହେବା ପୂର୍ବରୁ ରୋଗୀର ଚେତା ଆସିଯାଉଥିଲା। ତେଣୁ ଏଡିନ୍‌ବରାର ଚିକିତ୍ସାବିଜ୍ଞାନୀ ପ୍ରଫେସର ଜେମ୍‌ସ ୟଙ୍ଗ ସିମ୍ପସନ୍ ଏହାକୁ ନେଇ ସନ୍ତୁଷ୍ଟ ନ ଥିଲେ। ସେ ଏହାର ଏକ ଉନ୍ନତ ବିକଳ୍ପ ଖୋଜୁଥିଲେ ଏବଂ ସେଥିପାଇଁ ନିଜ ଜୀବନକୁ ବାଜି ଲଗାଇ ନାନା ପ୍ରକାର ଔଷଧ ଓ ରସାୟନକୁ ନିଜେ ଶୁଂଘି ପରୀକ୍ଷା କରୁଥିଲେ।

ସେଦିନ ଥିଲା ନଭେମ୍ବର ୪, ୧୮୪୭। ଜେମ୍‌ସ ତାଙ୍କର କେତେ ଜଣ ବନ୍ଧୁଙ୍କୁ ଏକ ଭୋଜି ପାଇଁ ଘରକୁ ନିମନ୍ତ୍ରଣ କରିଥାନ୍ତି। ଖାଇବା ଆଗରୁ ଅତିଥିମାନଙ୍କୁ କିଛି କଡ଼ା ପାନୀୟ (ମଦ) ଦେବା ସେଠାର ବିଧି। ଏଣୁ ସମସ୍ତେ ମିଶି ତାହା ପାନ କଲେ। ସେତିକିବେଳେ ତାଙ୍କ ମନକୁ ଆସିଲା, ଜର୍ମାନୀର ରସାୟନ ବିଜ୍ଞାନୀ ଲିଏବେଶ୍ ୧୬ବର୍ଷ ପୂର୍ବେ ଆବିଷ୍କାର କରିଥିବା ଏକ ଔଷଧର କଥା। କାହିଁକି କେଜାଣି ସେ ଭାବିଲେ ଏହାର ନିଶ୍ଚେତକକାରୀ ଗୁଣ ଅଛି କି ନାହିଁ ତାହା ପରୀକ୍ଷା କରିବାକୁ। ତାଙ୍କ ପାଖରେ ସେଥିରୁ କିଛି ଥିଲା। ସେ ତାହା ବାହାର କରି ନିଜେ ଶୁଂଘିଲେ ଏବଂ ତାଙ୍କ ବନ୍ଧୁମାନଙ୍କୁ ଶୁଂଘିବାକୁ ଦେଲେ।

କିଛି ସମୟ ପରେ ଧୀରେ ଧୀରେ ସେମାନଙ୍କ ଆଖି ମାଡି ମାଡି ଆସିଲା। ସେମାନେ ବିନା କାରଣରେ ହୋ ହୋ ହୋଇ ହସିବାକୁ ଲାଗିଲେ ଏବଂ ଏଣୁତେଣୁ ଗପିବାକୁ ଲାଗିଲେ। ତା'ପରେ ସେମାନଙ୍କ ଚେତା ବୁଡିଗଲା। ଏହି ଅବସ୍ଥାରେ ଅନେକ ସମୟ ବିତିଗଲା। ପ୍ରଥମେ ଚେତା ଫେରିଲା ଜେମ୍‌ସଙ୍କର। ବନ୍ଧୁମାନଙ୍କୁ ଅଚେତ ଅବସ୍ଥାରେ ଦେଖି ସେ ଆନନ୍ଦରେ ନାଚି ଉଠିଲେ। କାରଣ ତାଙ୍କୁ ମିଳିଗଲା ସେ ଖୋଜୁଥିବା ଜିନିଷଟି– 'ଇଥର' ଠାରୁ ଉନ୍ନତ ନିଶ୍ଚେତକକାରୀ। ତାହା ଥିଲା 'କ୍ଲୋରୋଫର୍ମ'।


ଦୀର୍ଘଦିନ ଧରି ଏହାକୁ ଏକ ଉନ୍ନତ ନିଶ୍ଚେତକକାରୀ ରୂପେ ବ୍ୟବହାର କରାଯାଉଥିଲା। ଏବେ ମଧ୍ୟ କେତେକ କ୍ଷେତ୍ରରେ ଏହାର ପ୍ରୟୋଗ ଚାଲିଛି। ତେବେ, ଏହି ମହାନ୍ ଆବିଷ୍କାର ପାଇଁ ଜେମ୍‌ସ ଏବଂ ତାଙ୍କ ବନ୍ଧୁମାନଙ୍କୁ ସେଦିନର ଭୋଜିଟି ହରାଇବାକୁ ପଡିଥିଲା। କାରଣ ସେମାନଙ୍କ ଚେତା ଫେରିଲା ବେଳକୁ ପରଦିନର ସକାଳ ହୋଇସାରିଥିଲା।

*ମୋ: ୯୯୩୭୯୮୫୭୬୭*
*ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର*
*ଭୁବନେଶ୍ୱର*



## ଛୋଟ ପ୍ରଜାତି ପ୍ରଜାପତି

**ପୃ**ଥିବୀର ସବୁଠାରୁ ଛୋଟ ପ୍ରଜାତିର ପ୍ରଜାପତି 'ୱେଷ୍ଟର୍ନ ପିଗ୍‌ମି ବ୍ଲୁ'। ଏହାର ଦୁଇ ଡେଣାର ଲମ୍ବ ହେଉଛି ମାତ୍ର ୧୨ ମିଲିମିଟର।




## ଡ.ଏପିଜେ ଅବଦୁଲ କଲାମ

**ପୂ**ର୍ବତନ ରାଷ୍ଟ୍ରପତି ଡ.ଏପିଜେ ଅବଦୁଲ କଲାମଙ୍କ ସମ୍ମାନାର୍ଥେ ପ୍ରତିବର୍ଷ ମେ ୨୬ ତାରିଖକୁ ସୁଇଜରଲାଣ୍ଡରେ ବିଜ୍ଞାନ ଦିବସ ରୂପେ ପାଳନ କରାଯାଏ। ଏହି ଦିନ କଲାମ ଉକ୍ତ ଦେଶକୁ ଭ୍ରମଣ ଉଦ୍ଦେଶ୍ୟରେ ଯାଇଥିଲେ।




## ସର୍ବପ୍ରଥମ ନାଇଟ ସଫାରି

**୧୯୯୪** ମସିହାରେ ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ କରାଯାଇଥିଲା ପୃଥିବୀର ସର୍ବପ୍ରଥମ ନାଇଟ ସଫାରି। ସିଙ୍ଗାପୁରରେ ଅବସ୍ଥିତ ଏହି ନାଇଟ ସଫାରିରେ ପରିଦର୍ଶକମାନେ ରାତ୍ର ସମୟରେ ଭ୍ରମଣ କରି ପ୍ରାକୃତିକ ପରିବେଶରେ ଜୀବଜନ୍ତୁଙ୍କୁ ଅତି ନିକଟରୁ ଦେଖିବାର ମଜା ନେଇପାରିବେ।



## ଓଟ


**ପୃ**ଥିବୀରେ ଦୁଇ ପ୍ରକାରର ଓଟ ଦେଖାଯା'ନ୍ତି। ଡ୍ରୋମେଡାରି ପ୍ରଜାତିର ଓଟର ପିଠିରେ ଗୋଟିଏ କୁଜ ଥିବା ବେଳେ ବ୍ୟାକ୍ଟ୍ରିଆନ ପ୍ରଜାତିର ଓଟର ଦୁଇଟି କୁଜ ଥାଏ।



ଜାଣି ଅଜାଣି

## ସେକ୍ରେଟାରି ବାର୍ଡ

**ଆ**ଫ୍ରିକାରେ ଦେଖାଯାଉଥିବା ସେକ୍ରେଟାରି ବାର୍ଡ ସାପ ଶିକାର କରିବାରେ ମାହିର। ଶିକାର କରିବା ସମୟରେ ଏମାନ ମୁଣ୍ଡ ପଛପଟେ ଥିବା ଚୂଳକୁ ଉପରକୁ କରି ଶିକାରକୁ ଡରାଇବାକୁ ଚେଷ୍ଟା କରିଥାନ୍ତି।



# ଆଇନା



ପ୍ରିୟାଂଶୁ
(୧୨ବର୍ଷ)



ଦୀକ୍ଷା
(୬ ବର୍ଷ)



ଡୁଡୁ
(୫ ବର୍ଷ)